# NATIONAL NEWS BULLETIN (ODIA)

## 2 June - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ ।
- ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରବାସୀ ଓ ବିଦେଶୀ ସଂଶୋଧନ ଅଧିନିୟମ ୨୦୨୬ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ।
- ଦେଶରେ ସ୍ୱାସ୍ଥ୍ୟସେବା ବ୍ୟାପକ ସ୍ତରରେ ପହଞ୍ଚି ପାରିଛି, କହିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ।
- ପଞ୍ଚାୟତୀରାଜ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ପ୍ରଦାନ କରାଯିବ ଜାତୀୟ ପଞ୍ଚାୟତ ପୁରସ୍କାର ।

ଏବଂ

- ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ଗୁରୁବାର କେରଳମ୍ ସ୍ପର୍ଶ କରିବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭିଜିଟ୍

ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନଠାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହୋମ୍-ଇଭିଗ୍ରେସନ୍ ରୁଲ

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରବାସୀ ଏବଂ ବିଦେଶୀ ସଂଶୋଧନ ଅଧିନିୟମ ୨୦୨୬ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଥିରେ ପଞ୍ଜିକରଣ ସମୟସୀମା ଏବଂ ପ୍ରବାସୀ ନିୟମ ଅନ୍ତର୍ଗତ ଅପିଲ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ଭାରତରେ

ପହଞ୍ଚିବାର ୧୮୦ ଦିନର ଅବଧି ଶେଷ ହେବା ପରେ ୧୪ ଦିନ ମଧ୍ୟରେ ପଞ୍ଜିକରଣ ଶେଷ କରିବାକୁ ପଡୁଥିବାବେଳେ ସଂଶୋଧନ ପରେ ୧୮୦ ଦିନ ଶେଷ ହେବା ପୂର୍ବରୁ ପଞ୍ଜିକରଣ କରିବାକୁ ପଡିବ । ତେବେ ସଂଶୋଧିତ ନିୟମରେ ଜରୁରୀକାଳୀନ ପରିସ୍ଥିତିରେ ପଞ୍ଜିକରଣ ପାଇଁ ବିଳମ୍ବ ଦେୟ ଦାଖଲ ପାଇଁ ଅନୁମତି ଦେବା ବ୍ୟବସ୍ଥା ରହିଛି ।

ପ୍ରଥମଥର ଲାଗି ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ଲାଗି ଏହି ନିୟମରେ ସାମିଲ କରାଯାଇଛି । ଜଣେ ବ୍ୟକ୍ତି ପ୍ରବାସୀ ବ୍ୟୁରୋ ନିକଟରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନର ୩୦ ଦିନ ମଧ୍ୟରେ ଆବେଦନ ଗ୍ରହଣ କରାଯିବା ସହ ୬୦ ଦିନ ମଧ୍ୟରେ ଏ ସମ୍ପର୍କିତ ସମସ୍ୟାର ସମାଧାନ କରିବା ଲାଗି ପ୍ରବାସୀ ବ୍ୟୁରୋ ଆୟୋଗ ପକ୍ଷରୁ କୁହାଯାଇଛି ।

## ଜୟଶଙ୍କର-ନେପାଳ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ନେପାଳର ରାଷ୍ଟ୍ରୀୟ ସ୍ୱତନ୍ତ୍ର ଦଳ ଅଧ୍ୟକ୍ଷ ରବି ଲାମ୍‌ଛେନ୍ ଏବଂ ତାଙ୍କ ପ୍ରତିନିଧି ଦଳଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ଭାରତ-ନେପାଳ ବିକାଶ ଭାଗିଦାରିତା ଏବଂ

ଜନ-ସମ୍ପର୍କ ଉପରେ ଆଲୋଚନା କରାଯାଇଛି । ଏହା ଉଭୟ ଦେଶ ମଧ୍ୟରେ ବିକାଶ ଏବଂ ସମୃଦ୍ଧିକୁ ଅଧିକ ଉନ୍ନତି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

## ଜିତେନ୍ଦ୍ର-ଜର୍ମାନୀ ମିନିଷ୍ଟର୍

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ନୂଆଦିଲ୍ଲୀଠାରେ ଜର୍ମାନୀର ମନ୍ତ୍ରୀ ମ୍ୟାରିଓ ଭୋଏଟ୍‌ଙ୍କ ସହ କ୍ୱାଣ୍ଟମ୍ ଯୋଗାଯୋଗ, ଫୋଟୋନିକ୍ସ ଏବଂ ଶିଳ୍ପ ଭିତ୍ତିକ ପ୍ରଯୁକ୍ତିବିଦ୍ୟା ଭାଗିଦାରିତା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଏହି ଅବସରରେ ଡକ୍ଟର ସିଂହ କହିଛନ୍ତି, ବିଶ୍ୱର ତୃତୀୟ ବୃହତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାରତ ଆୟୋଜନ କରୁଛି । ଏହା ଜୈବ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଜଳ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା, ମହାକାଶ ପ୍ରଯୁକ୍ତିବିଦ୍ୟା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରିବ । ଡକ୍ଟର ସିଂହ କହିଛନ୍ତି, ଭାରତ ଏବଂ ଜର୍ମାନୀ ମଧ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଜନସମ୍ବନ୍ଧ କ୍ଷେତ୍ର ଦୃଢ଼ ରହିଛି । ସେ କହିଛନ୍ତି, ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗ ଗବେଷଣା, ନବସୃଜନ ଏବଂ ଶିଳ୍ପ ବିକାଶ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ିଭୂତ କରିବ ।

# ସିବିଏସ୍ଇ ପୋର୍ଟାଲ ଲାଇଭ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସିବିଏସ୍ଇର ଦ୍ୱାଦଶ ଶ୍ରେଣୀ ପୁନଃ ମୂଲ୍ୟାୟନ ପୋର୍ଟାଲ୍‌କୁ ୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏ ପର୍ଯ୍ୟନ୍ତ ବ୍ୟବହାର କରିଥିବା ସୂଚନା ମିଳିଛି । ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସମୟସୀମାକୁ ମଧ୍ୟ ପରିବର୍ଦ୍ଧିତ କରାଯାଇଛି ବୋଲି ସିବିଏସ୍ଇ ପକ୍ଷରୁ କୁହାଯାଇଛି ।

ଉତ୍ତର ପୁସ୍ତିକାର ସ୍କାନ୍ କପି ପ୍ରଦାନ ଏବଂ ପୁନଃ ମୂଲ୍ୟାୟନ ନିମନ୍ତେ ଆଜିଠାରୁ ପୋର୍ଟାଲ ଖୋଲାଯାଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପୋର୍ଟାଲ ଖୋଲାରହିବ । ସୁରକ୍ଷା ଦୃଷ୍ଟିରୁ ପୋର୍ଟାଲ ବ୍ୟବହାର ଲାଗି ଆଧାର ପ୍ରମାଣିକରଣ ବ୍ୟବସ୍ଥା କରାଯାଇଛି । ଯେଉଁ ଛାତ୍ରଛାତ୍ରୀମାନଙ୍କର ନମ୍ବର ନ ଥିବ ସେ କ୍ଷେତ୍ରରେ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ଆଧାର ସୂଚନା ବ୍ୟବହାର କରାଯାଇପାରିବ ।

# କୋର୍ଟ୍-ନିଟ୍

ଦିଲ୍ଲୀର ଏକ ଅଦାଲତ ଆଜି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଅଭିଯୁକ୍ତ ୫ ଜଣଙ୍କ ବିଚାର ବିଭାଗୀୟ ହାଜତ ସୀମା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସ୍ୱତନ୍ତ୍ର ଜଜ୍ ଅଜୟ ଗୁପ୍ତା ସି.ବି.ଆଇ. ପକ୍ଷରୁ ବିଚାର ବିଭାଗୀୟ ହାଜତ ସୀମା ବର୍ଦ୍ଧିତ କରିବା ଲାଗି କରିଥିବା

ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି । ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ମଙ୍ଗିଲାଲ ଖଟିକ୍, ବିକାଶ ବିଓ୍ବାଲ୍, ଦିନେଶ ବିଓ୍ବାଲ, ୟସ୍ ୟାଦବ୍ ଏବଂ ଧନଞ୍ଜୟ ଲୋଖାଣ୍ଡେଙ୍କ ନାମ ରହିଛି । ଗତକାଲି ପଦାର୍ଥ ବିଜ୍ଞାନ ଅଧ୍ୟାପକ ମନିଶା ସଞ୍ଜୟ ହାଓ୍ବଲଦାର, ଶିଶୁରୋଗ ବିଶେଷଜ୍ଞ ଡକ୍ଟର ମନୋଜ ସିରୁରେ ଏବଂ ପଦାର୍ଥ ବିଜ୍ଞାନ ଶିକ୍ଷକ ତେଜସ୍ ହର୍ଷଦ୍‌କୁମାର ଶାହାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ସି.ବି.ଆଇ. ପକ୍ଷରୁ ଏ ପର୍ଯ୍ୟନ୍ତ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇ ସାରିଲାଣି । ଗତ ମାସରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ମେ ୩ ତାରିଖରେ ହୋଇଥିବା ନିଟ୍ ପରୀକ୍ଷାକୁ ଏନ୍.ଟି.ଏ. ରଦ୍ଦ କରିଛି । ନିଟ୍ ପୁନଃ ପରୀକ୍ଷା ଆସନ୍ତା ୨୧ ତାରିଖରେ ହେବ ବୋଲି ଏନ୍.ଟି.ଏ. ପକ୍ଷରୁ ସୂଚନା ଦିଆଯାଇଛି ।

## ନଡ୍ଡା-ହେଲ୍‌ଥ କେୟାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଦେଶର ସ୍ୱାସ୍ଥ୍ୟସେବା ଢାଞ୍ଚା ବ୍ୟାପକ ସ୍ତରରେ  ପହଞ୍ଚିପାରିଛି । ଏଥିରେ ପ୍ରତିଷେଧକ, ପୁନର ଥଇଥାନ ଏବଂ ବୃଦ୍ଧାବସ୍ଥାରେ ଯତ୍ନକୁ ସାମିଲ କରାଯାଇଛି । ସେ କହିଛନ୍ତି, ୧ ଲକ୍ଷ ୮୨ ହଜାରରୁ ଉର୍ଦ୍ଧ୍ୱ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର’ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତ ସେବା ଯୋଗାଇ

ଦେଉଛନ୍ତି । ପଞ୍ଜାବର ଏମସ୍ ଭଟିଣ୍ଡାଠାରେ ଆୟୋଜିତ ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ନଡ୍ଡା କହିଛନ୍ତି, ୩୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିୟମିତ ଭାବେ ପଞ୍ଚାୟତ, ଆଶାକର୍ମୀ ଏବଂ ସାମୁଖ୍ୟ ସ୍ୱାସ୍ଥ୍ୟ କର୍ମୀଙ୍କ ଜରିଆରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ପ୍ରୋତ୍ସାହିତ କରାଯାଉଛି । ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ନଡ୍ଡା କହିଛନ୍ତି, ୩୬ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମୁଖଗହ୍ୱର କର୍କଟ, ୧୭ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ସ୍ତନ କର୍କଟ ଏବଂ ୯ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଜରାୟୁ କର୍କଟ ହୋଇଥିବା ଚିହ୍ନଟ କରାଯାଇଛି । ଶ୍ରୀ ନଡ୍ଡା ଏମସ୍‌ର କାର୍ଯ୍ୟଦକ୍ଷତା, ଆଞ୍ଚଳିକ ସ୍ୱାସ୍ଥ୍ୟ କ୍ଷେତ୍ର ସୁଦୃଢ଼, ଚିକିତ୍ସା ଶିକ୍ଷା ଯୋଗାଣ ଏବଂ ଗବେଷଣା ପାଇଁ ଭୂୟସୀ ପ୍ରଶଂସା କରିଛନ୍ତି ।

## ନ୍ୟାସନାଲ ପଞ୍ଚାୟତ ଆୱାର୍ଡ

ନୂଆଦିଲ୍ଲୀରେ ଆସନ୍ତାକାଲି ୨୦୨୫ ମସିହା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ପଞ୍ଚାୟତ ରାଜ ମନ୍ତ୍ରୀ ରାଜୀବ ରଞ୍ଜ ସିଂହ ନୂଆଦିଲ୍ଲୀ ଏହି ପୁରସ୍କାର ପ୍ରଦାନ କରିବେ। ଦେଶର ୪୨ଟି ପଞ୍ଚାୟତକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ । ସମାରୋହରେ ୩୪ଟି ଗ୍ରାମପଞ୍ଚାୟତକୁ

ଦୀନ୍‌ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଏବଂ ୮ଟି ପଞ୍ଚାୟତକୁ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ପୁରସ୍କୃତ କରାଯିବ । ପୁରସ୍କାର ପାଇବାକୁ ଥିବା ପଞ୍ଚାୟତଗୁଡ଼ିକର ମୁଖ୍ୟମାନେ ସେମାନଙ୍କ ପଞ୍ଚାୟତର ସର୍ବୋତ୍ତମ କାର୍ଯ୍ୟ ବିଷୟରେ ସମାରୋହରେ ଉପସ୍ଥାପନ କରିବେ ।

## ଏଜୁକେସନ୍-ପିଏମ୍‌ଆର୍‌ସି ଆପ୍ଲିକେସନ୍

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ **Prime Minister Research Chair (PMRC)** ଯୋଜନା ୨୦୨୬ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଛି । ବିଶ୍ୱ ଦରବାରରେ ଭାରତୀୟ ପ୍ରତିଭାଧାରୀଙ୍କୁ ଲୋକଲୋଚନକୁ ଆଣିବା ଏବଂ ଭାରତୀୟ ବୈଜ୍ଞାନିକ ଓ ନବସୃଜନ ଭବିଷ୍ୟତକୁ ଅଧିକ କ୍ରିୟାଶୀଳ କରିବା ଲାଗି ଏହି ମହତ୍ୱାକାଂକ୍ଷି ଯୋଜନାର ଲକ୍ଷ୍ୟ ରହିଛି । ଉନ୍ନତ କମ୍ପ୍ୟୁଟିଂ ଶିକ୍ଷା, ସେମିକଣ୍ଡକ୍ଟର ଏବଂ ସାଇବର ସୁରକ୍ଷା ସମେତ ୧୩ଟି କ୍ଷେତ୍ରରେ ଦେଶର ପ୍ରତିଭାଧାରୀଙ୍କୁ ଗବେଷଣା, ବିକାଶ, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥାକୁ କ୍ଷେତ୍ରରେ ବିଶ୍ୱ ସହ ସଂଯୋଗ ସ୍ଥାପନ କରିବା ନିମନ୍ତେ ଏହି ଯୋଜନାରେ ପଦକ୍ଷେପ ଗ୍ରହଣ କରାଯାଇଛି । କ୍ଷମତା ସମ୍ପନ୍ନ କମିଟି ମାଧ୍ୟମରେ ଏହି ଯୋଜନାରେ ଅଂଶଗ୍ରହଣ କରିଥିବା ସଂସ୍ଥାନ ଏବଂ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ । **PMRC** ଯୋଜନାରେ ଅନ୍ତର୍ଭୁକ୍ତ

ଛାତ୍ରଛାତ୍ରୀମାନଙ୍କୁ ଫେଲୋସିପ୍ ଏବଂ ଗବେଷଣା ଅନୁଦାନ ସହାୟତା, ପରୀକ୍ଷାଗାର ଏବଂ ଗବେଷଣା ଭିତ୍ତିଭୂମି ସୁବିଧା ପ୍ରଦାନ କରାଯିବ । ଏଥିସହିତ ଦେଶର ବଡ଼ବଡ଼ ସରକାରୀ ଶିକ୍ଷା ସଂସ୍ଥାନ ସହିତ କାର୍ଯ୍ୟ କରିବା ଲାଗି ମଧ୍ୟ ସୁଯୋଗ ପ୍ରଦାନ କରାଯିବ । ଏ ସମ୍ପର୍କିତ ସମସ୍ତ ତଥ୍ୟ ଏବଂ ମାର୍ଗଦର୍ଶିକା **PMRC** ପୋର୍ଟାଲ୍ ମାଧ୍ୟମରେ ଅବଗତ କରାଯାଇଛି ।

## ଭିପି-ସାଉଥ୍ ଆଫ୍ରିକା

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଆଜି ନୂଆଦିଲ୍ଲୀରେ ଦକ୍ଷିଣ ଆଫ୍ରିକାର ଉପରାଷ୍ଟ୍ରପତି ସିପକୋସା ପଲସ ମାସେଟାଇଲ୍ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି । ତାଙ୍କ ସହ ଦକ୍ଷିଣ ଆଫ୍ରିକାର ବରିଷ୍ଠ ମନ୍ତ୍ରୀମାନଙ୍କ ସମେତ ଏକ ଉଚ୍ଚ ପ୍ରତିନିଧି ଦଳ ମଧ୍ୟ ଆସିଥିଲେ । ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିପାକ୍ଷିକ ସମ୍ପର୍କରେ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ବିଶେଷ କରି ବାଣିଜ୍ୟ, ପୁଞ୍ଜିବିନିଯୋଗ, ପ୍ରତିରକ୍ଷା ସହଯୋଗ, ଦକ୍ଷତା ବିକାଶ ଏବଂ ଜନସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ରାଷ୍ଟ୍ରୀୟ ବାଲ୍ ପୁରସ୍କାର ନୋମିନେସନ୍

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ୨୦୨୬ ପାଇଁ ଆବେଦନପତ୍ର ଆହ୍ୱାନ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଶିଶୁମାନଙ୍କର ଅନନ୍ୟ ଅବଦାନ ପାଇଁ ଏହି ସମ୍ମାନଜନକ ପୁରସ୍କାର ରାଷ୍ଟ୍ରପତି ପ୍ରଦାନ କରିଥାନ୍ତି । ଜୁଲାଇ ୩୧ ତାରିଖ ଆବେଦନପତ୍ର ଦାଖଲ କରିବାର ଶେଷ ଦିବସ ଧାର୍ଯ୍ୟ କରାଯାଇଛି । ସାହସିକତା, ସାମାଜିକ ସେବା, ପରିବେଶ, କ୍ରୀଡ଼ା, କଳା, ସଂସ୍କୃତି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆଦି ବର୍ଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବାଳକବାଳିକାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ । ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ **National Awards Portal on awards.gov.in** ଜରିଆରେ ଏ ସମ୍ପର୍କିତ ତଥ୍ୟ ଉପଲବ୍ଧ ରହିଛି ।

## ଆଇଏମ୍‌ଡି-କେରଳମ୍

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ଗୁରୁବାର କେରଳମ୍ ନିକଟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି । ଲାକ୍ଷାଦ୍ୱୀପ, ତାମିଲନାଡୁ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କେତେକ ଭାଗରେ ଆସନ୍ତା ୪ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ଲାଗି ଅନୁକୂଳ ପାଣିପାଗ ରହିଛି ବୋଲି ସୂଚନା ଦିଆଯାଇଛି ।

# ଏଲ୍ ନିନୋ

ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ଏଲ୍ ନିନୋ ପ୍ରଭାବ ନେଇ ସତର୍କ ସୂଚନା ଜାରି କରାଯାଇଛି । ଏଲ୍ ନିନୋ ପ୍ରଭାବରେ ଚଳିତ ବର୍ଷ ବିଶ୍ୱର ବିଭିନ୍ନ ଭାଗରେ ଜଳବାୟୁରେ ପରିବର୍ତ୍ତନ ଦେଖାଦେବ ବୋଲି ଆକଳନ କରାଯାଇଛି । ଚଳିତ ବର୍ଷ ଜୁନ୍ ଏବଂ ଅଗଷ୍ଟ ମାସ ମଧ୍ୟରେ ଏଲ୍ ନିନୋର ପ୍ରଭାବ ୮୦ ପ୍ରତିଶତ ରହିବ ବୋଲି ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଏହା ନଭେମ୍ବର ପର୍ଯ୍ୟନ୍ତ ଜାରି ରହିବ । ଏଲ୍ ନିନୋ ଫଳରେ ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜଳଭାଗ ଅତ୍ୟଧିକ ଉତ୍ତପ୍ତ ରହିବ ଏବଂ ସାମୁଦ୍ରିକ ପବନ ଦୁର୍ବଳତା ପରିଲକ୍ଷିତ ହେବ । ଫଳରେ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବ । ପରୋକ୍ଷରେ ଏହା ବର୍ଷାକୁ ମଧ୍ୟ ପ୍ରଭାବିତ କରିବ । କେତେକ ଭାଗରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ସହ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ବିଶ୍ୱ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।